1961

ମାର୍ଚ୍ଚ 25

ଶ୍ରୀମତୀ ଚାନ୍ଦନୀ ବିଦ୍ୟା ବତୀ ମାଡନ୍

ବନାମ

ଡ. ସି.ଏଲ୍. କଟିୟାଲ୍ ଏବଂ ଅନ୍ୟମାନେ

(ପ୍ରଧାନ ନ୍ୟାୟାଧୀଶ ବି. ପି. ସିହ୍ନା, ଜେ. ସି. ଶାହା ଏବଂ
ଏନ୍. ରାଜଗୋପାଳ ଆୟଙ୍ଗର, ନ୍ୟାୟମୂର୍ତ୍ତିବୃନ୍ଦ)

*ବିନିର୍ଦ୍ଦିଷ୍ଟ ସମ୍ପାଦନ - ଘର ସମ୍ପତ୍ତି ବିକ୍ରୟ ପାଇଁ ଚୁକ୍ତି - ନିହିତ ଅବଧି - ଉଚ୍ଚ ନ୍ୟାୟାଳୟରେ ପ୍ରସଙ୍ଗ ଗୁଡିକ ଉଠାଯାଇ ନଥିଲା, ଏହି ନ୍ୟାୟାଳୟରେ ପ୍ରଥମ ଥର ପାଇଁ ଅନୁମତି ଦିଆଯିବ କି ।*

ବାଦୀ-ଉତ୍ତରଦାତାମାନେ ଆବେଦନକାରୀଙ୍କ ଏକ ଘର ସମ୍ପତ୍ତି ସମ୍ବନ୍ଧରେ ବିକ୍ରୟ ଚୁକ୍ତି କରିଥିଲେ । ରାଜିନାମା ଦଲିଲ ଥିଲା ଯେ ବିକ୍ରେତା ଚୁକ୍ତିର ଦୁଇ ମାସ ମଧ୍ୟରେ ବିକ୍ରୟ କାରବାର ପାଇଁ ମୁଖ୍ୟ ଆୟୁକ୍ତଙ୍କ ଅନୁମତି ହସ୍ତଗତ କରିବେ ଏବଂ ଯଦି ଉକ୍ତ ଅନୁମତି ସେହି ସମୟ ମଧ୍ୟରେ ନ ଆସୁଥିଲା, ତେବେ କ୍ରେତାମାନଙ୍କ ପାଇଁ ତାରିଖ ବୃଦ୍ଧି କରିବା କିମ୍ବା ଚୁକ୍ତିକୁ ବାତିଲ ବୋଲି ବିବେଚନା କରିବା ପାଇଁ ଉନ୍ମୁକ୍ତ ଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ଅନୁମତି ନ ମିଳିବାରୁ କ୍ରେତାମାନେ ସମୟକୁ ଆଉ ଏକ ମାସ ବୃଦ୍ଧି କରିଥିଲେ । ଆବେଦନକାରୀ ଆବଶ୍ୟକ ଅନୁମତି ପାଇଁ ତାଙ୍କ ଆବେଦନ ପ୍ରତ୍ୟାହାର କରିନେଇଥିଲେ । ପ୍ରତିବାଦୀ ଚୁକ୍ତିର ନିଜ ଅଂଶକୁ ପାଳନ କରିବାରେ ବିଫଳ ହେବା ପରେ, ବାଦୀମାନେ ବିକ୍ରୟ ନିମନ୍ତେ ଚୁକ୍ତିର ବିନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ କିମ୍ବା କ୍ଷତି ପାଇଁ ବିକଳ୍ପ ଭାବରେ ଏକ ମକଦ୍ଦମା ଆଣିଥିଲେ । ବିଚାର କରୁଥିବା ନ୍ୟାୟାଳୟ, ଯଦିଓ ଏହା ଜାଣିବାକୁ ପାଇଲେ ଯେ ବାଦୀମାନେ ଚୁକ୍ତିର ସେମାନଙ୍କର ଅଂଶକୁ କାର୍ଯ୍ୟକାରୀ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ଇଚ୍ଛୁକ, ପ୍ରକୃତରେ ଆଗ୍ରହୀ ଥିଲେ ଏବଂ ଏହା ପ୍ରତିବାଦୀ ଥିଲେ ଯିଏ କି ଏଥିରୁ ପଛକୁ ହଟିଥିଲେ, ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନର ମୁଖ୍ୟ ପ୍ରତିକାରକୁ ଏହି ଆଧାରରେ ମନା କରିଥିଲେ ଯେ ଚୁକ୍ତିଟି ଅସଙ୍ଗତ ଥିଲା, କାରଣ ପ୍ରସ୍ତାବିତ ହସ୍ତାନ୍ତର ପାଇଁ ମୁଖ୍ୟ ଆୟୁକ୍ତଙ୍କ ପୂର୍ବ ମଞ୍ଜୁରି ପ୍ରାପ୍ତ ହୋଇନଥିଲା । ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ପକ୍ଷମାନଙ୍କ ମଧ୍ୟରେ ଏକ ସମ୍ପୂର୍ଣ୍ଣ ଚୁକ୍ତିନାମା ଥିଲା ଏବଂ ଚୁକ୍ତିରେ ଥିବା ସର୍ତ୍ତ ଯେ ବିକ୍ରେତା ବିକ୍ରିର କାରବାର ପାଇଁ ମୁଖ୍ୟ ଆୟୁକ୍ତଙ୍କ ମଞ୍ଜୁରି ପାଇବେ, ଏହା ଚୁକ୍ତିନାମାକୁ ଅସମ୍ପୂର୍ଣ୍ଣ କରିନଥିଲା ଏବଂ ବିଚାର କରୁଥିବା ନ୍ୟାୟାଳୟ ଏହି ଚୁକ୍ତିନାମାକୁ ଅସମ୍ପୂର୍ଣ୍ଣ ବୋଲି ଦର୍ଶାଇ ତ୍ରୁଟି କରିଥିଲେ ।

ଏହି ମାମଲାର ଫଳାଫଳ ଉପରେ, ନ୍ୟାୟାଳୟ ଚୁକ୍ତିର ସର୍ତ୍ତାବଳୀ କାର୍ଯ୍ୟକାରୀ କରିବାକୁ ଏବଂ ମୁଖ୍ୟ ଆୟୁକ୍ତ ଆବଶ୍ୟକ ଆବେଦନ କରିବାକୁ ପ୍ରତିବାଦୀ-ଆବେଦନକାରୀଙ୍କୁ ନିର୍ଦ୍ଦେଶ

1963
ଚାନ୍ଦନୀ ବିଦ୍ୟାବତୀ
ମାଡନ୍
ବନାମ
ସି.ଏଲ୍. କଟିୟାଲ୍
ପ୍ରଧାନ ନ୍ୟାୟାଧୀଶ
ସିହ୍ନା

ଦେଇଥିଲେ, ଯାହା ଚୁକ୍ତିରେ ନିହିତ ଥିଲା । ଆବଶ୍ୟକ ମଞ୍ଜୁରି ଦିଆଯିବ କି ନାହିଁ ତାହା ମୁଖ୍ୟ ଆୟୁକ୍ତ ନିଷ୍ପତ୍ତି ନେବେ । ଯଦି ମଞ୍ଜୁରୀ ମନା କରାହେବ, ବାଦୀମାନେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ଷତିପୂରଣ ପାଇବାକୁ ହକଦାର ହେବେ । ମାମଲାର ଏହି ଦୃଷ୍ଟିକୋଣରୁ, ଉଚ୍ଚ ନ୍ୟାୟାଳୟ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ମକଦ୍ଦମାରେ ଆଇନଗତ ନିର୍ଦ୍ଦେଶ ଦେବାରେ ସମ୍ପୂର୍ଣ୍ଣ ରୂପେ ଠିକ୍ ଥିଲେ ।

*ମୋତିଲାଲ ବନାମ ନନ୍ହେଲାଲ* (1930) L.R. 57 I.A. 33, ଉଲ୍ଲେଖ କରାଯାଇଛି ।

ଏହା ମଧ୍ୟ କୁହାଯାଇଥିଲା ଯେ ଯେଉଁ ବିଷୟଗୁଡ଼ିକ ଉଚ୍ଚ ନ୍ୟାୟାଳୟରେ ନିର୍ଦ୍ଦିଷ୍ଟ ଭାବେ ଉଠାଯାଇନାହିଁ କିମ୍ବା ଆବେଦନରେ ଦାବି କରାଯାଇ ନାହିଁ, ସେଗୁଡ଼ିକୁ ପ୍ରଥମ ଥର ପାଇଁ ଏହି ନ୍ୟାୟାଳୟରେ ଉଠାଇବା ପାଇଁ ଅନୁମତି ଦିଆଯିବା ଉଚିତ ନୁହେଁ ।

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 559/1962 ।

1960ର ନିୟମିତ ପ୍ରଥମ ଆବେଦନ ସଂଖ୍ୟା 8 D ଏବଂ 21-D ରେ ଦିଲ୍ଲୀସ୍ଥିତ ପଞ୍ଜାବ ଉଚ୍ଚ ନ୍ୟାୟାଳୟ (ସର୍କିଟ୍ ବେଞ୍ଚ) ର 21 ମାର୍ଚ୍ଚ, 1961ର ରାୟ ଏବଂ ଡିକ୍ରୀରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ *ଏ. ରଙ୍ଗନାଥମ ଚେଟ୍ଟୀ, ଏସ.କେ. ମେହେଟ୍ଟା* ଏବଂ *କେ.ଏଲ. ମେହେଟ୍ଟା* ।

ଉତ୍ତରଦାତାମାନଙ୍କ ପାଇଁ *ଏମ୍.ସି. ସେତଲୱାଡ, ହରଦୟାଲ ହାର୍ଡି* ଏବଂ *ଏସ୍.ଏନ୍. ଆନନ୍ଦ* ।

1963, ମାର୍ଚ୍ଚ 25 । ପ୍ରଧାନ ନ୍ୟାୟାଧୀଶ ସିହ୍ନାଙ୍କ ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

ପଞ୍ଜାବର ଉଚ୍ଚ ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ଏକ ପ୍ରମାଣପତ୍ର ଉପରେ ଏହି ଆବେଦନ ନୂଆଦିଲ୍ଲୀର ତୁଗ୍ଲକ୍ ରୋଡରେ ଅବସ୍ଥିତ ଏକ ଘର ସମ୍ପତ୍ତି ସମ୍ବନ୍ଧରେ ବିକ୍ରୟ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ଏକ ମକଦ୍ଦମାରୁ ଉତ୍ପନ୍ନ ହୋଇଛି, ଯାହା ଆବେଦନକାରୀଙ୍କର ଅଟେ ଏବଂ 1935 ମସିହାରେ ତାଙ୍କ ପୂର୍ବସୂରୀଙ୍କୁ ସରକାର ମଞ୍ଜୁର କରିଥିବା ଲିଜ୍-ହୋଲ୍ଡ ପ୍ଲଟ୍ ଉପରେ ନିର୍ମିତ । ଏହା ଜଣାପଡୁଛି ଯେ ବାଦୀମାନେ ବିବାଦୀୟ ସମ୍ପତ୍ତି ସମ୍ବନ୍ଧରେ 1,10,000/- ଟଙ୍କା ମୂଲ୍ୟର ବିକ୍ରୟ ଚୁକ୍ତି କରିଥିଲେ । ରାଜିନାମା ଦଲିଲ 1956 ମସିହା ସେପ୍ଟେମ୍ବର 4 ତାରିଖର

ଅଟେ । ଯେତେଦୂର ଦସ୍ତାବିଜର ସର୍ତ୍ତାବଳୀକୁ ଧ୍ୟାନ ଦେବା ଆବଶ୍ୟକ, ଚୁକ୍ତିରେ ବ୍ୟବସ୍ଥା କରାଯାଇଥିଲା ଯେ ବିକ୍ରେତା ଚୁକ୍ତିର ଦୁଇ ମାସ ମଧ୍ୟରେ ବିକ୍ରୟ କାରବାର ପାଇଁ ମୁଖ୍ୟ ଆୟୁକ୍ତଙ୍କ ଅନୁମତି ଗ୍ରହଣ କରିବେ, ଏବଂ ଯଦି ଉକ୍ତ ଅନୁମତି ସେହି ସମୟ ମଧ୍ୟରେ ଆସୁ ନଥିଲା, ତେବେ ତାରିଖ ବୃଦ୍ଧି କରିବାକୁ କିମ୍ବା ଚୁକ୍ତିକୁ ବାତିଲ ବୋଲି ବିବେଚନା କରିବାକୁ କ୍ରେତାମାନଙ୍କ ପାଇଁ ଉନ୍ମୁକ୍ତ ଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ଅନୁମତି ନ ମିଳିବାରୁ କ୍ରେତାମାନେ ସମୟକୁ ଆଉ ଏକ ମାସ ବୃଦ୍ଧି କରିଥିଲେ । ଆବେଦନକାରୀ ଆବଶ୍ୟକ ଅନୁମତି ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଆବେଦନ କରିଥିଲେ, କିନ୍ତୁ ଏପ୍ରିଲ୍ 12, 1957 ରେ ତାଙ୍କ ଚିଠି ଦ୍ୱାରା ମୁଖ୍ୟ ଆୟୁକ୍ତଙ୍କୁ କରିଥିବା ତାଙ୍କ ଆବେଦନ ପ୍ରତ୍ୟାହାର କରିଥିଲେ । ବାଦୀମାନେ ପ୍ରତିବାଦୀଙ୍କୁ ଚୁକ୍ତିର ନିଜ ଅଂଶ ପୂରଣ କରିବାକୁ ଅନେକ ଥର ଆହ୍ୱାନ କରିଥିଲେ କିନ୍ତୁ ସେ ତାହା କରିବାରେ ବିଫଳ ହୋଇଥିଲେ । ବାଦୀଙ୍କ ତରଫରୁ ଏହା ସୂଚିତ କରାଯାଇଥିଲା ଯେ ସେମାନେ ସର୍ବଦା ଚୁକ୍ତିର ସେମାନଙ୍କର ଅଂଶକୁ ପାଳନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ ଏବଂ ଏହା ପ୍ରତିବାଦୀ ଥିଲେ ଯିଏ ଏଥିରୁ ପଛକୁ ହଟିଥିଲେ । ତେଣୁ, ବିକ୍ରୟ ପାଇଁ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ କିମ୍ବା 51,100/- ଟଙ୍କା କ୍ଷତିପୂରଣର ବିକଳ୍ପ ପାଇଁ ମକଦ୍ଦମା । ଏହି ମକଦ୍ଦମାକୁ ଅନେକ ଆଧାରରେ ବିରୋଧ କରାଯାଇଥିଲା, ଯେଉଁଥିରୁ ବର୍ତ୍ତମାନ କେବଳ ସେହି ବିଷୟ ଉପରେ ଧ୍ୟାନ ଦେବା ଆବଶ୍ୟକ ଯାହା ଉପରେ 8 ନମ୍ବର ବିଷୟଟି ଯୋଡ଼ି ହୋଇଥିଲା । ବିଷୟ ସଂଖ୍ୟା 8 ନିମ୍ନରେ ଦିଆଗଲା:

> "(8) ଏହି ଚୁକ୍ତି ସମ୍ଭାବ୍ୟ ନା ଏହାର କାର୍ଯ୍ୟକାରିତା ହେବା ଅସମ୍ଭବ ଏବଂ ଏହା ଅନିଶ୍ଚିତ ଓ ଅସ୍ପଷ୍ଟ, ତେଣୁ ଏହା ଅବୈଧ?

ଅନ୍ୟ ତଥ୍ୟଗତ ପ୍ରସଙ୍ଗଗୁଡ଼ିକ ଏକକାଳୀନ ବାଦୀଙ୍କ ସପକ୍ଷରେ ନିଷ୍ପତ୍ତି ନିଆଯାଇଥିଲା, ଏବଂ ତେଣୁ, ଏ ବିଷୟରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ ।

ବିଚାରଣ ଅଦାଲତ ଏକ ବିସ୍ତୃତ ରାୟରେ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ଏବଂ ସ୍ଥାୟୀ ନିଷିଦ୍ଧାଦେଶ ପାଇଁ ମକଦ୍ଦମାକୁ ଖାରଜ କରିଦେଇଥିଲେ ଏବଂ ପ୍ରତିବାଦୀଙ୍କ ବିରୁଦ୍ଧରେ ଆନୁପାତିକ ଖର୍ଚ୍ଚ ସହିତ କ୍ଷତିପୂରଣ ଆକାରରେ 11, 550/- ଟଙ୍କା ଡିକ୍ରି କରିଥିଲେ । ଯଦିଓ ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଯେ ବାଦୀମାନେ ଚୁକ୍ତିର ସେମାନଙ୍କର ଅଂଶକୁ କାର୍ଯ୍ୟକାରୀ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ଇଚ୍ଛୁକ, ପ୍ରକୃତରେ ଆଗ୍ରହୀ ଥିଲେ, ଏବଂ ଏହା ପ୍ରତିବାଦୀ ଯିଏ ଏଥିରୁ ପଛକୁ ହଟିଥିଲେ, ଏହା ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନର ମୁଖ୍ୟ ପ୍ରତିକାରକୁ ଏହି ଆଧାରରେ ମନା କରିଥିଲେ

1963
ଚାନ୍ଦନୀ ବିଦ୍ୟାବତୀ
ମାଡନ୍
ବନାମ
ସି.ଏଲ୍. କଟିୟାଲ୍
ପ୍ରଧାନ ନ୍ୟାୟାଧୀଶ
ସିହ୍ନା

ଯେ ପ୍ରସ୍ତାବିତ ହସ୍ତାନ୍ତର ପାଇଁ ମୁଖ୍ୟ ଆୟୁକ୍ତଙ୍କ ପୂର୍ବ ମଞ୍ଜୁରି ପ୍ରାପ୍ତ ହୋଇନଥିବାରୁ ଚୁକ୍ତିଟି ଅବିକଶିତ ଥିଲା ।

ଆବେଦନ ଉପରେ ଉଚ୍ଚ ନ୍ୟାୟାଳୟ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ ଏହି ରାଜିନାମା ବିକ୍ରୟ କାରବାର ସମାପ୍ତ ହେବା ପୂର୍ବରୁ ମୁଖ୍ୟ ଆୟୁକ୍ତଙ୍କ ମଞ୍ଜୁରି ସାପେକ୍ଷେ, ସମ୍ପୃକ୍ତ ଘରର ବିକ୍ରୟ ପାଇଁ ଏକ ସମ୍ପୂର୍ଣ୍ଣ ଚୁକ୍ତି ଥିଲା, କିନ୍ତୁ ଏହା ଯେ ଚୁକ୍ତିଟି ଅବିକଶିତ ଥିଲା, ଏବଂ ତେଣୁ, ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ କୌଣସି ଡିକ୍ରି ମଞ୍ଜୁର କରାଯାଇପାରିବ ନାହିଁ ବୋଲି ବିଚାର କରି ବିଚାରଣ ଅଦାଲତ ତ୍ରୁଟିଯୁକ୍ତ ଥିଲେ । ପକ୍ଷମାନଙ୍କ ମଧ୍ୟରେ ଏକ ସମ୍ପୂର୍ଣ୍ଣ ଚୁକ୍ତିନାମା ଥିଲା ଏବଂ ବିକ୍ରେତା ବିକ୍ରୟ କାରବାର ପାଇଁ ମୁଖ୍ୟ ଆୟୁକ୍ତଙ୍କ ମଞ୍ଜୁରି ହସ୍ତଗତ କରିବେ ବୋଲି ଚୁକ୍ତିରେ ରହିଥିବା ସର୍ତ୍ତ ଏହାକୁ ଅସମ୍ପୂର୍ଣ୍ଣ କରିନଥିଲା ବୋଲି ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ଉଚ୍ଚ ନ୍ୟାୟାଳୟ ମୁଖ୍ୟତଃ *ମୋତିଲାଲ ବନାମ ନନ୍ହେଲାଲ(¹)* ମାମଲାରେ ପ୍ରିଭି ପରିଷଦର ନ୍ୟାୟିକ କମିଟିର ମହାମାନ୍ୟଙ୍କ ନିର୍ଣ୍ଣୟ ଉପରେ ନିର୍ଭରଶୀଳତା ରଖିଥିଲେ । ଚୁକ୍ତିରେ ସେହି ସର୍ତ୍ତାବଳୀ ଅନୁସରଣରେ, ବିକ୍ରେତାଙ୍କୁ ମୁଖ୍ୟ ଆୟୁକ୍ତଙ୍କ ମଞ୍ଜୁରି ହସ୍ତଗତ କରିବାକୁ ଥିଲା ଏବଂ ଯେହେତୁ ସେ ଆବଶ୍ୟକ ମଞ୍ଜୁରି ପାଇଁ କରିଥିବା ତାଙ୍କ ଆବେଦନ ପ୍ରତ୍ୟାହାର କରିନେଇଥିଲେ, ଚୁକ୍ତିର ତାଙ୍କ ଅଂଶକୁ କାର୍ଯ୍ୟକାରୀ ନକରିଥିବାରୁ ସେ ଦାୟୀ ଥିଲେ । ତାଙ୍କୁ ଆବଶ୍ୟକ ଅନୁମତି ପାଇଁ ଏକ ଆବେଦନ କରିବାକୁ ପଡ଼ିଥିଲା । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଯଦି ମୁଖ୍ୟ ଆୟୁକ୍ତ ଶେଷରେ ବିକ୍ରୟ ପାଇଁ ମଞ୍ଜୁରୀ ଦେବାକୁ ମନା କରନ୍ତି, ତେବେ ବାଦୀ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ଡିକ୍ରି କାର୍ଯ୍ୟକାରୀ କରିବାକୁ ସକ୍ଷମ ହୋଇନପାରନ୍ତି, କିନ୍ତୁ ସେହି ପ୍ରତିକାର ପାଇଁ ନ୍ୟାୟାଳୟଙ୍କୁ ଏକ ଡିକ୍ରି ପାରିତ କରିବାରେ କୌଣସି ପ୍ରତିବନ୍ଧକ ନଥିଲା । ଯଦିଓ ଉଚ୍ଚ ନ୍ୟାୟାଳୟ ପକ୍ଷମାନଙ୍କ ଅଧିକାରକୁ ଗ୍ରହଣ କରିଥିବା ଦୃଷ୍ଟିରେ ଏହା ଆବଶ୍ୟକ ନଥିଲା, ଏହା ଏକ ନିଷ୍ପତ୍ତି ନେଇଥିଲେ ଯେ ଯଦି ବାଦୀମାନେ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ସେମାନଙ୍କର ମୁଖ୍ୟ ପ୍ରତିକାର ପାଇବାରେ ସଫଳ ନହୁଅନ୍ତି, ତେବେ 5, 775/- ଟଙ୍କା କ୍ଷତିପୂରଣର ଉପଯୁକ୍ତ ପରିମାଣ ହେବ ।

ଏହି ଆବେଦନ ଉପରେ ଆକ୍ରମଣର ମୁଖ୍ୟ ଆଧାର ହେଉଛି ଯେ ଅନିଶ୍ଚିତ ପ୍ରକୃତିର ଚୁକ୍ତି ପ୍ରବର୍ତ୍ତନୀୟ ହୋଇପାରିବ ନାହିଁ ଏବଂ ସମ୍ଭାବ୍ୟତା କାରଣ ଯୋଗୁଁ ଏବଂ ସମ୍ଭାବ୍ୟତା ପୂରଣ ହୋଇନାହିଁ । ଆମ ମତରେ, ଏହି ଯୁକ୍ତିରେ କୌଣସି ସାର ନାହିଁ । ଚୁକ୍ତିର ପକ୍ଷମାନଙ୍କ ବିଷୟରେ, ସେମାନେ ସେମାନଙ୍କ ମଧ୍ୟରେ ନିଷ୍ପାଦିତ ହୋଇଥିବା ଦସ୍ତାବିଜର ସର୍ତ୍ତାବଳୀ ଦ୍ୱାରା ନିଜକୁ ବାନ୍ଧି

(1) (1930) L.R. 57 I.A. 333

ରଖିବାକୁ ରାଜି ହୋଇଥିଲେ । ସେହି ଦସ୍ତାବିଜ ଅନୁଯାୟୀ ମୁଖ୍ୟ ଆୟୁକ୍ତଙ୍କ ନିକଟରେ ଅନୁମତି ପାଇଁ ଆବଶ୍ୟକ ଆବେଦନ କରିବାକୁ ପ୍ରତିବାଦୀ-ବିକ୍ରେତାଙ୍କ ଦାୟିତ୍ୱ ଥିଲା । ବାସ୍ତବରେ ସେ ଏପରି ଏକ ଆବେଦନ କରିଥିଲେ, କିନ୍ତୁ ନିଜ କାରଣରୁ ଏହାକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲେ । ବାଦୀମାନେ ସର୍ବଦା ଚୁକ୍ତିର ସେମାନଙ୍କର ଅଂଶକୁ ପାଳନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଅଛନ୍ତି, ଏବଂ ଏହା ପ୍ରତିବାଦୀ ଯିଏ ଇଚ୍ଛାକୃତ ଭାବରେ ଚୁକ୍ତିର ନିଜ ଅଂଶକୁ ପାଳନ କରିବାକୁ ମନା କରିଦେଇଥିଲେ, ଏବଂ ଏହା ଯେ ଚୁକ୍ତିର ମୌଳିକ ଆବଶ୍ୟକତା ସମୟ ନଥିଲା, ଏହି ବିଚାର ଉପରେ ନ୍ୟାୟାଳୟ ଚୁକ୍ତିର ସର୍ତ୍ତାବଳୀ କାର୍ଯ୍ୟକାରୀ କରିବାକୁ ଏବଂ ମୁଖ୍ୟ ଆୟୁକ୍ତଙ୍କୁ ଆବଶ୍ୟକ ଆବେଦନ କରିବାକୁ ପ୍ରତିବାଦୀ-ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ମଞ୍ଜୁରି ଦିଆଯିବ କି ନାହିଁ ତାହା ମୁଖ୍ୟ ଆୟୁକ୍ତ ନିଷ୍ପତ୍ତି ନେବେ ।

ମାମଲାର ଏହି ଦୃଷ୍ଟିକୋଣରୁ, ଉଚ୍ଚ ନ୍ୟାୟାଳୟ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ମକଦ୍ଦମାରେ ନିର୍ଦ୍ଦେଶ ଦେବାରେ ସମ୍ପୂର୍ଣ୍ଣ ସଠିକ୍ ଥିଲେ । ଉଚ୍ଚ ନ୍ୟାୟାଳୟ ପ୍ରତିବାଦୀକୁ ମୁଖ୍ୟ ଆୟୁକ୍ତଙ୍କ ନିକଟରେ ଅନୁମତି ପାଇଁ ଆବଶ୍ୟକ ଆବେଦନ କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ ଥିଲା, ଯାହା ପକ୍ଷମାନଙ୍କ ମଧ୍ୟରେ ଚୁକ୍ତିରେ ନିହିତ ଥିଲା । ଯେହେତୁ ପ୍ରତିବାଦୀ-ବିକ୍ରେତା, କୌଣସି ପର୍ଯ୍ୟାପ୍ତ କାରଣ ବିନା, ମୁଖ୍ୟ ଆୟୁକ୍ତଙ୍କ ନିକଟରେ ପୂର୍ବରୁ କରାଯାଇଥିବା ଆବେଦନକୁ ପ୍ରତ୍ୟାହାର କରିନେଲେ, ଏହି ନ୍ୟାୟାଳୟ ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଡିକ୍ରି ଏହି ଖଣ୍ଡ ଯୋଡ଼ିବ ଯେ ଆଜିଠାରୁ ଏକ ମାସ ମଧ୍ୟରେ ପ୍ରତିବାଦୀ ମୁଖ୍ୟ ଆୟୁକ୍ତ କିମ୍ବା ସମ୍ପୃକ୍ତ ହସ୍ତାନ୍ତର ପାଇଁ ଆବଶ୍ୟକ ମଞ୍ଜୁରି ପ୍ରଦାନ କରିବାକୁ କ୍ଷମତାପ୍ରାପ୍ତ ଥିବା ଅନ୍ୟ କୌଣସି ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ଆବେଦନ କରିବେ, ଏବଂ ଆହୁରି ମଧ୍ୟ ଯେ ସେହି ମଞ୍ଜୁରି ପ୍ରାପ୍ତିର ଏକ ମାସ ମଧ୍ୟରେ ସେ ମକଦ୍ଦମାରେ ଥିବା ସମ୍ପତ୍ତି ବାଦୀଙ୍କୁ ଜଣାଇବେ । ମଞ୍ଜୁରୀ ମନା ହେବା ଘଟଣାରେ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଦୀମାନେ କ୍ଷତିପୂରଣ ପାଇବାକୁ ହକଦାର ହେବେ । ଆବେଦନକାରୀ କେତେକ ଅନ୍ୟ ପ୍ରସଙ୍ଗ ଉଠାଇବାକୁ ଚାହୁଁଥିଲେ ଯାହା ଉଚ୍ଚ ନ୍ୟାୟାଳୟରେ ଉଠାଯାଇ ନଥିଲା, ଉଦାହରଣ ସ୍ୱରୂପ, ଏହା ଏକ ଉପଯୁକ୍ତ ମାମଲା ନୁହେଁ ଯେଉଁଥିରେ ଚୁକ୍ତିର ବିନିର୍ଦ୍ଦିଷ୍ଟ ସମ୍ପାଦନ ନ୍ୟାୟାଳୟ ଦ୍ୱାରା ଲାଗୁ କରାଯିବା ଉଚିତ । ଏହି ପ୍ରସଙ୍ଗଟି ଉଚ୍ଚ ନ୍ୟାୟାଳୟରେ ନିର୍ଦ୍ଦିଷ୍ଟ ଭାବରେ ଉଠାଯାଇ ନଥିଲା ଏବଂ ଆବେଦନରେ ଆବଶ୍ୟକ ତଥ୍ୟ ଦାବି କରାଯାଇ ନଥିଲା । ଏହା ସ୍ପଷ୍ଟ ଯେ ଏହି ନ୍ୟାୟାଳୟ ଏଠାରେ ପ୍ରଥମ ଥର ପାଇଁ ଏପରି ଏକ ଆବେଦନ ଉଠାଇବାକୁ ଅନୁମତି ଦେବା ଉଚିତ୍ ନୁହେଁ ।

1963
ଚାନ୍ଦନୀ ବିଦ୍ୟାବତୀ ମାଡନ୍
ବନାମ
ସି.ଏଲ୍. କଟିୟାଲ୍
ପ୍ରଧାନ ନ୍ୟାୟାଧୀଶ ସିହ୍ନା

ଉପରୋକ୍ତ କାରଣଗୁଡିକ ପାଇଁ, ଆବେଦନଟି ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ ହୋଇଛି ।

*ଆବେଦନ ଖାରଜ ହେଲା* ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।